CS (M) EXAM 2012

**G-DTN-M-PSJA**

# ORIYA

## Paper I

### (Literature)

| Time Allowed : Three Hours | Maximum Marks : 300 |
|---|---|

## INSTRUCTIONS

*Candidates should attempt Question Nos.* ***1*** *and* ***5*** *which are compulsory, and any* **three** *of the remaining questions, selecting at least* **one** *question from each Section.*

*The number of marks carried by each question is indicated at the end of the question.*

*Answers must be written in* ***Oriya****.*

***Important : Whenever a Question is being attempted, all its parts/sub-parts must be attempted contiguously. This means that before moving on to the next Question to be attempted, candidates must finish attempting all parts/sub-parts of the previous Question attempted. This is to be strictly followed.***

*Pages left blank in the answer-book are to be clearly struck out in ink. Any answers that follow pages left blank may not be given credit.*

(Contd.)

## Section 'A'

**1.** ନିମ୍ନଲିଖିତ ବିଷୟରେ ଆଲୋଚନାତ୍ମକ ଟିପ୍ପଣୀ ଲେଖ । ପ୍ରତ୍ୟେକ ଟିପ୍ପଣୀ 150 ଶବ୍ଦ ମଧ୍ୟରେ ସୀମିତ ରହିବ । 12×5=60

(କ) ଓଡ଼ିଆ ଶବ୍ଦରେ ସ୍ୱରାଗମ ପ୍ରବୃତ୍ତି

(ଖ) ଓଡ଼ିଆ ଭାଷାର ପ୍ରାଚୀନତା

(ଗ) କଥିତ ଓଡ଼ିଆ ଭାଷାରେ ଇଂରେଜୀ ଭାଷାର ପ୍ରଭାବ

(ଘ) ଓଡ଼ିଆ ସମ୍ମାନସୂଚକ ସର୍ବନାମ

(ଙ) ଉପଭାଷା

**2.** 250 ଶବ୍ଦ ମଧ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ : 20×3=60

(କ) ଓଡ଼ିଆ ଭାଷାକୁ ପ୍ରାକୃତମୂଳ କହିବାର ଯଥାର୍ଥତା ବିଚାର କର ।

(ଖ) ଓଡ଼ିଆ 'ମାନେ' ଶବ୍ଦର ବିଭିନ୍ନ ରୂପ ଦର୍ଶାଅ ।

(ଗ) ଧ୍ୱନି କେତେ ପ୍ରକାର ? ଧ୍ୱନି ପରିବର୍ତ୍ତନର ବିଭିନ୍ନ କାରଣ ଏକାଧିକ ଉଦାହରଣ ସହିତ ବୁଝାଇ ଲେଖ ।

**3.** ପ୍ରାୟ 200 ଶବ୍ଦ ମଧ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖ : 15×4=60

(କ) ପଖାଳ, ଦେଢ଼, ଅଣସର, ଓଝା ଏବଂ ପଢ଼ିଆ — ଏହି ଶବ୍ଦଗୁଡ଼ିକର ମୂଳ ଓ କ୍ରମବିବର୍ତ୍ତିତ ରୂପ ଲେଖ ।

(ଖ) ବର୍ତ୍ତମାନକାଳିକ ବିଭିନ୍ନ ଓଡ଼ିଆ କ୍ରିୟାପଦର ଉଦାହରଣ ଦିଅ ।

(ଗ) ପୁରୀ ଏକ ପବିତ୍ର ତୀର୍ଥସ୍ଥଳ । ଏହା ଶ୍ରୀକ୍ଷେତ୍ର ରୂପେ ପରିଚିତ । ଏଠାରେ ଏକ ବିଶାଳ ବିଷ୍ଣୁ ମନ୍ଦିର ଅବସ୍ଥିତ । ମନ୍ଦିରର ଗର୍ଭଗୃହ ମଧ୍ୟରେ ରତ୍ନସିଂହାସନ ପ୍ରତିଷ୍ଠିତ । ତା'ରି ଉପରେ ଭଗବାନଙ୍କ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ । – ବାକ୍ୟଗୁଡ଼ିକୁ ଗୋଟିଏ ଜଟିଳ ବାକ୍ୟରେ ପ୍ରକାଶ କର ।

(ଘ) କ୍ରିୟାହୀନ ବାକ୍ୟର ପାଞ୍ଚଟି ଉଦାହରଣ ଦିଅ ।

**4.** ପ୍ରାୟ 300 ଶବ୍ଦ ମଧ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ : 30×2=60

(କ) କାରଣ ସହିତ ଓଡ଼ିଆ ଭାଷାରେ ଦ୍ରାବିଡ଼ ଭାଷାର ପ୍ରଭାବ ବିଶ୍ଳେଷଣ କର ।

(ଖ) ଓଡ଼ିଆ ଭାଷାରେ ହେଉଥିବା ବର୍ଣ୍ଣାଶୁଦ୍ଧିର କାରଣ ଉଦାହରଣ ସହିତ ଦର୍ଶାଅ ଓ ଏହାର ନିରାକରଣର ବିଭିନ୍ନ ମାର୍ଗ ସଂପର୍କରେ ଆଲୋଚନା କର ।

## Section 'B'

**5.** ନିମ୍ନଲିଖିତ ବିଷୟଗୁଡ଼ିକ ସମ୍ପର୍କରେ ଆଲୋଚନାତ୍ମକ ଟିପ୍ପଣୀ ଲେଖ । ପ୍ରତ୍ୟେକଟି ଟିପ୍ପଣୀ 150 ଶବ୍ଦ ମଧ୍ୟରେ ସୀମିତ ରହିବା ଆବଶ୍ୟକ । 12×5=60

(କ) ଓଡ଼ିଆ ଜଣାଣ ଗୀତିରେ ଶ୍ରୀଜଗନ୍ନାଥ

(ଖ) ଓଡ଼ିଆ ପୁରାଣରେ ସାରଳା ଦାସଙ୍କ ପ୍ରଭାବ

(ଗ) ଆଧୁନିକ ଓଡ଼ିଆ ଐତିହାସିକ କାବ୍ୟ

(ଘ) ଊନବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ

(ଙ) ଓଡ଼ିଆ ବୈଜ୍ଞାନିକ ପ୍ରବନ୍ଧ

**6.** 250 ଶବ୍ଦ ମଧ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖ : 20×3=60

(କ) ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ରାଜ ଅନୁଗ୍ରହର ସ୍ୱର କିପରି ଅନୁରଣିତ, ଆଲୋଚନା କର ।

(ଖ) ସତ୍ୟବାଦୀ ଗୋଷ୍ଠୀର ସାରସ୍ୱତ ସୃଷ୍ଟିରେ ରାଧାନାଥୀ ସାହିତ୍ୟ ବିରୋଧୀ ମନୋଭାବ କିପରି ପ୍ରତ୍ୟକ୍ଷ ଓ ପରୋକ୍ଷରୂପେ ପ୍ରତିଫଳିତ, ଦର୍ଶାଅ ।

(ଗ) ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶରେ ମିଶନାରୀମାନଙ୍କ ଭୂମିକା ବିଶ୍ଳେଷଣ କର ।

**7.** ପ୍ରତ୍ୟେକ ବିଷୟ ସମ୍ପର୍କରେ 200 ଶବ୍ଦ ମଧ୍ୟରେ ସଂକ୍ଷିପ୍ତ ସମାଲୋଚନା ଲେଖ : 15×4=60

(କ) ନୃସିଂହ ପୁରାଣ

(ଖ) କୋଇଲି ଗୀତି

(ଗ) ପ୍ରଗତିବାଦୀ ଓଡ଼ିଆ ସାହିତ୍ୟ

(ଘ) ଓଡ଼ିଆ ଚତୁର୍ଦ୍ଦଶପଦୀ କବିତା

**8.** 400 ଶବ୍ଦ ମଧ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ : 30×2=60

(କ) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ପରୀକ୍ଷା ନିରୀକ୍ଷାର ସ୍ୱରୂପ ସଂପର୍କରେ ଆଲୋଚନା କର ।

(ଖ) ସାଂପ୍ରତିକ ଓଡ଼ିଆ ସାହିତ୍ୟରେ ନାରୀବାଦର ପ୍ରଭାବ ସଂପର୍କରେ ସମ୍ୟକ୍ ଧାରଣା ଦିଅ ।

---